بِسۡمِ اللّٰهِ الرَّحۡمٰنِ الرَّحِيۡمِ

୧୬ ମଇ ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ଼୍

# କେତେକ ସରିୟାର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ଏବଂ ଦୁଇଜଣ ମହାନ ମୃତ ବ୍ୟକ୍ତିଙ୍କ ଉତ୍ତମ ଚରିତ୍ର ଚର୍ଚ୍ଚା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଆଜି ମଧ୍ୟ ମୁଁ କିଛି ସରିୟାର ଚର୍ଚ୍ଚା କରିବି । ସେଥିଅନ୍ତେ ଅନ୍ୟ ବିଷୟବସ୍ତୁ ଆଲୋଚନା କରିବି । ଯୁଦ୍ଧ ଓ ସରିୟାର କ୍ରମାନ୍ୱୟରେ ସରିୟା ଅବୁ କତାଦାଃ ଅନ୍‌ସାରୀର ବର୍ଣ୍ଣନା ମିଳୁଅଛି, ଯାହାକି ଖଜରାଃ (ଅଞ୍ଚଳ) ଅଭିମୁଖେ ଥିଲା । ଏହି ସରିୟା ଶାବାନ ମାସ ୮ ହିଜରୀରେ ସଙ୍ଘଟିତ ହୋଇଥିଲା । ସେଠାରେ ବନୁ ଗତଫାନ୍‌ର ଏକ ଶାଖା ଅବସ୍ଥାନ କରୁଥିଲା । ନଜଦ୍ ଅଞ୍ଚଳର ଖଜରାଃରେ ବସବାସ କରୁଥିବା ବନୁ ଗତଫାନ୍ କବିଲା ମଦିନାବାସୀଙ୍କ ବିରୁଦ୍ଧରେ ଅହରହ ବିଭିନ୍ନ ଷଡଯନ୍ତ୍ର କରି ଚାଲିଥିଲେ । ଗୋଟିଏ ବର୍ଣ୍ଣନାନୁଯାୟୀ ସାହାବା ଏହି ଅଭିଯାନରେ ପନ୍ଦରଦିନ ପର୍ଯ୍ୟନ୍ତ ମଦିନାରୁ ବାହାରେ ରହିଥିଲେ ଏବଂ ଯେତେବେଳେ ସେମାନେ ମଦିନା ପ୍ରତ୍ୟାବର୍ତ୍ତନ କଲେ ନିଜ ସାଥିରେ ୨୦୦ଗୋଟି ଓଟ, ୧୦୦୦ଛେଳୀ ଓ ଅନେକ କଏଦୀ ଧରି ଆଣିଥିଲେ ।

ପୁନଶ୍ଚ ଆଉ ଏକ ସରିୟା ହଜରତ ଅବୁ କତାଦାଃ[ର.ଅ] ଯାହାକି ଇଜ୍‌ମ ଉପତ୍ୟାକା ଅଭିମୁଖେ ହୋଇଥିଲା । ଏହା ରମଜାନ ମାସ ୮ ହିଜ୍‌ରୀରେ ଅର୍ଥାତ୍ ଜାନୁଆରୀ ମାସ ୬୩୦ମସିହାରେ ସଙ୍ଘଟିତ ହୋଇଥିଲା । ଏହି ସରିୟାର ମୂଖ୍ୟ କାରଣ ଏହା ଥିଲା କି ଯେତେବେଳେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ମକ୍କା ଜୟ କରିବା ଉଦ୍ଦେଶ୍ୟରେ ପ୍ରସ୍ଥାନ କଲେ ସେତେବେଳେ ମହାଭାଗ ହଜରତ ଅବୁ କତାଦାଃ [ର.ଅ]ଙ୍କୁ ଇଜ୍‌ମ ଅଭିମୁଖେ ପ୍ରେରଣ କଲେ । ଯାହାକି ମଦିନାର ପୂର୍ବ ପାର୍ଶ୍ୱରେ ରହିଥିଲା ଏବଂ ମକ୍କା ତାହାର ଦକ୍ଷିଣ ପାର୍ଶ୍ୱରେ ଅବସ୍ଥିତ ଥିଲା । ଏତଦ୍ ଦ୍ୱାରା ଲୋକମାନେ ମନେକରିବେ କି ପୁଣ୍ୟଶ୍ଳୋକଙ୍କର ଆଭିମୁଖ୍ୟ ମକ୍କା ଆଡ଼କୁ ନୁହେଁ, ବରଂ ଇଜ୍‌ମ ଅଭିମୁଖେ ଅଟେ । ଗୋଟିଏ ବର୍ଣ୍ଣନାନୁଯାୟୀ ଏହି ସରିୟାର ଅମିର୍ ହଜରତ ଅବ୍ଦୁଲ୍ଲାଃ ବିନ୍ ଅବି ହଦରଦ୍[ର.ଅ] ଥିଲେ । ହଜରତ ଅବ୍ଦୁଲ୍ଲାଃ ବିନ୍ ଅବି ହଦରଦ୍[ର.ଅ] ବର୍ଣ୍ଣନା କରନ୍ତି; ଯେତେବେଳେ ଆମେମାନେ ଇଜ୍‌ମ ଉପତ୍ୟାକାରେ ପହଞ୍ଚିଲୁ ସେତେବେଳେ ଆମିର୍ ବିନ୍ ଅଜବତ୍ ଅଶଜଆ ଆମ ନିକଟରୁ ଅତିକ୍ରମ କଲା । ସେ ଆମମାନଙ୍କ ପାଖକୁ ଆସି ଆମକୁ ଇସଲାମୀୟ ଶୈଳୀରେ ସଲାମ୍ କଲା । ଏଥିରେ ମୁସଲମାନମାନେ ତାହାର ମୁକାବିଲା କରିବାରୁ ନିବୃତ୍ତ ରହିଲେ । କିନ୍ତୁ ହଜରତ ମୁହଲମ୍ ବିନ୍ ଜସାମାଃ ଲୈସି [ର.ଅ]ଙ୍କର ତାଙ୍କ ସହିତ ପୂର୍ବରୁ କୌଣସି ବିବାଦ ଥିଲା, ତେଣୁ ସେ ଆମିର୍ ବିନ୍ ଅଜବତ୍ ଉପରେ ଆକ୍ରମଣ କରି ତାହାକୁ ହତ୍ୟା କରିଦେଲେ । ଆଉ ତାହାର ସାମଗ୍ରୀ ଓ ଓଟ ନିଜ ଅଧୀନ କରିନେଲେ । ଏତଦ୍ ବ୍ୟତୀତ ଅନ୍ୟ କୌଣସି ଦଳ ସହିତ ସାହାବାଙ୍କର ମୁହାଁମୁହିଁ ହୋଇ ନଥିଲା । ଯେହେତୁ ଏହି ଦଳଟି କେବଳ ଅମାନ୍ୟକାରୀଙ୍କ ଧ୍ୟାନ ଭଟକାଇବା ସକାଶେ ପ୍ରେରଣ କରାଯାଇଥିଲା, ତେଣୁକରି ସାହାବା ସେହିସ୍ଥଳୁ ପ୍ରତ୍ୟାବର୍ତ୍ତନ କଲେ । ଇତି ମଧ୍ୟରେ ସେମାନଙ୍କୁ ସୂଚନା ମିଳିଲା ଯେ, ମହାଭାଗ ମକ୍କା ଅଭିମୁଖେ

ପ୍ରସ୍ଥାନ କରି ଯାଇଛନ୍ତି । ଅତଃ ସେମାନେ ମଧ୍ୟ ମକ୍କା ଆଡ଼କୁ ମୁହାଁଇଲେ । ଏପରିକି ମାର୍ଗରେ ହିଁ ସେମାନେ ହୁଜୁର ସ.ଅଙ୍କ ସହିତ ସମ୍ମିଳିତ ହୋଇଗଲେ । ଯେତେବେଳେ ସେମାନେ ନବୀଶ୍ରେଷ୍ଠଙ୍କ ନିକଟରେ ଉପସ୍ଥିତ ହେଲେ ସେତେବେଳେ ସେହି ହତ୍ୟାକାଣ୍ଡ ସଂକ୍ରାନ୍ତରେ ହୁଜୁର ସ.ଅଙ୍କୁ ଅବଗତ କଲେ । ସେତେବେଳେ ଏହି ଆୟତ୍ ଅବତୀର୍ଣ୍ଣ ହେଲା ଅର୍ଥାତ୍ ହେ ବିଶ୍ୱାସକାରୀମାନେ ! ଯେତେବେଳେ ତୁମେମାନେ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ଯାତ୍ରା କର ସେତେବେଳେ ଖୁବ୍ ଭଲ ଭାବରେ ଜାଞ୍ଚ (ଅନୁସନ୍ଧାନ) କରିନିଅ ଏବଂ ଯେ ତୁମକୁ ସଲାମ୍ କରେ ତେବେ ତାହାକୁ ଏହା କୁହ ନାହିଁ ଯେ, ତୁମେ ବିଶ୍ୱାସକାରୀ ନୁହଁ । ତୁମେମାନେ ପାର୍ଥିବ ଜୀବନର ଧନସମ୍ପତ୍ତି ଲୋଡୁଅଛ ଯଦିଚ ଅଲ୍ଲାଃଙ୍କ ନିକଟରେ ତ ଅଜସ୍ର ଗନିମତ୍ (ସମ୍ପଦ) ଅଛି । ଏହା ପୂର୍ବରୁ ତୁମେ ଏହିପରି (ଅବସ୍ଥାରେ) ଥିଲ ତା'ପରେ ଅଲ୍ଲାଃ ତୁମ ଉପରେ କୃପାଶିଷ କଲେ । ସୁତରାଂ ବେଶ୍ ଭଲ ଭାବରେ ଅନୁସନ୍ଧାନ କରି ଦେଖିନିଅ । ନିଶ୍ଚିତ ରୂପେ ଯାହା ତୁମେ କରୁଅଛ ଅଲ୍ଲାଃ ସେ ବିଷୟ ଖୁବ୍ ଭଲ ଭାବରେ ଜାଣନ୍ତି ।

ମହାମହିମ ହୁଜୁର ଅନଓ୍ୱର ଅ.ବ କହିଲେ; ଏହି ସରିୟା ୮ ହିଜ୍‌ରୀରେ ସଙ୍ଘଟିତ ହୋଇଥିଲା, କିନ୍ତୁ ଏହି ଆୟତ୍ ସୁରଃ ନିସାର । ଯାହା ସଂକ୍ରାନ୍ତରେ ଅଧିକାଂଶ (ଇତିହାସବିତ୍ ଏକମତ) ଯେ, ଏହା ହିଜ୍‌ରତର ତୃତୀୟ ଓ ପଞ୍ଚମ ବର୍ଷ ମଧ୍ୟ ଭାଗରେ ଅବତୀର୍ଣ୍ଣ ହୋଇଥିଲା । ଏହା ସମ୍ଭବ ଯେ, ଏହି ଘଟଣାର ସୂଚନା ମିଳିବା ପରେ ପୁଣ୍ୟଶ୍ଳୋକ ଉକ୍ତ ଆୟତ୍‌କୁ ପାଠ କରି ନିଜ ନାପସନ୍ଦର ପରିପ୍ରକାଶ କରିଥିବେ । ଏଥିଅନ୍ତେ ପ୍ରିୟ ହୁଜୁର ଅନଓ୍ୱର ଅ.ବ କହିଲେ; ବର୍ତ୍ତମାନ ମୁଁ ଜମାଅତର ଜଣେ ବୟୋଜ୍ୟେଷ୍ଠ, ବରିଷ୍ଠ ବିଦ୍ୟାନ, ସୁଦକ୍ଷ ବିଦ୍ଵାଣୀ, ଖିଲାଫତ୍‌ର ପାଗଳ ପ୍ରେମୀ ଓ ଧର୍ମର ଅସାଧାରଣ ସେବକଙ୍କର ଜୀବନୀ ଚର୍ଚ୍ଚା କରିବି । ଯାହାଙ୍କର ବିଗତ ଦିନରେ ଦେହାନ୍ତ ଘଟିଛି । ଏହିପରି ଆଉ ଜଣେ ଉତ୍ସର୍ଗୀ, ନିଷ୍ପାପର ଅହେମଦି ଯେ ବନ୍ଦୀ ଥିବା ଅବସ୍ଥାରେ ଦେହ ତ୍ୟାଗ କରିଛନ୍ତି, ତାଙ୍କର ମଧ୍ୟ ଚର୍ଚ୍ଚା କରିବି ।

ପ୍ରଥମ ଚର୍ଚ୍ଚା ଶ୍ରୀମାନ ସୟଦ ମିର୍ ମେହମୁଦ ଅହେମଦ ନାସିର୍ ସାହେବ ଯେ କି ଶ୍ରୀମାନ ସୟଦ୍ ମିର୍ ମୁହମ୍ମଦ ଇସହାକ୍ ସାହେବଙ୍କର ସୁପୁତ୍ର ଥିଲେ, ୯୬ବର୍ଷ ବୟସରେ ସେ ମୃତ୍ୟୁବରଣ କରିଛନ୍ତି । ଇନ୍ନା ଲିଲ୍ଲାହି ଓ ଇନ୍ନା ଇଲୈହି ରାଜେଉନ୍ । ସେ ହଜରତ ଅମ୍ମାଜାନ ର.ଅଙ୍କର ପୁତୁରା, ହଜରତ ମୁସଲେହ ମଉଦ୍ ର.ଅ ଓ ହଜରତ ମରିୟମ୍ ସିଦ୍ଦିକା ସାହେବା ର.ଅଙ୍କର ଜ୍ୱାଇଁ ଥିଲେ । ପ୍ରାଥମିକ ଶିକ୍ଷା ସେ କାଦିୟାନରୁ ହାସଲ କଲେ, ସେଥିଅନ୍ତେ ପଞ୍ଜାବ ବିଶ୍ୱବିଦ୍ୟାଳୟରୁ ବି.ଏ. କରିଥିଲେ । ମାର୍ଚ୍ଚ ୧୯୪୪ମସିହାରେ ନିଜ ପିତା ସୟଦ୍ ମିର୍ ମୁହମ୍ମଦ ଇସହାକ୍ ସାହେବଙ୍କ ବିୟୋଗ ସମୟରେ ସେ ନିଜକୁ ଓ୍ୱକଫ୍ (ଉତ୍ସର୍ଗ) କରିଥିଲେ । ସେତେବେଳେ ତାଙ୍କୁ ମାତ୍ର ୧୪ବର୍ଷ ବୟସ ହୋଇଥିଲା । ତାଙ୍କର ଜମାଅତୀୟ ସେବା ଯଥାକ୍ରମେ ରହିଛି- ୧୯୫୪ରୁ ୧୯୫୭ ମସିହା ପର୍ଯ୍ୟନ୍ତ ସେ ଇଂଲଣ୍ଡରେ ରହିଥିଲେ, ଆଉ ଏଠାରେ ସେ ଜଣେ ମୁବଲ୍ଲିଗ୍ ଭାବରେ ସେବା ସମ୍ପାଦନ କରିଥିଲେ । ସେହି ଅବଧିରେ ସେ ହଜରତ ମୁସଲେହ୍ ମଉଦ ର.ଅଙ୍କ ନିର୍ଦ୍ଦେଶାନୁଯାୟୀ ସ୍କୁଲ୍ ଅଫ୍ ଓରିୟଣ୍ଟେଲ୍ ଆଫ୍ରିକିନ୍ ଷ୍ଟଡ଼ିଜ୍‌ରେ ଶିକ୍ଷା ପ୍ରାପ୍ତ କରିଥିଲେ । ଏଠାରେ ସେ ଚତୁର୍ଥ ଖଲିଫାଙ୍କ ସହିତ ରହିଥିଲେ । ୧୯୫୭ରୁ ୧୯୫୯ମସିହା ପର୍ଯ୍ୟନ୍ତ ସେ ଓ୍ୱକାଲତେ ଦିବାନ୍‌ରେ ଜଣେ ରିଜର୍ଭ ମୁବଲ୍ଲିଗ୍ ଭାବରେ ରହିଥିଲେ । ପୁନଶ୍ଚ ୧୯୬୦ମସିହାରେ ଜାମିୟାରେ ଶିକ୍ଷକତା କରିଥିଲେ । ୧୯୭୮ରୁ ୧୯୮୨ମସିହା ପର୍ଯ୍ୟନ୍ତ ସେ ଆମେରିକାରେ ମୁବଲ୍ଲିଗ୍ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ । ସେଥିଅନ୍ତେ ୧୯୮୨ରୁ ୧୯୮୬ମସିହା ପର୍ଯ୍ୟନ୍ତ ସ୍ପେନ୍‌ରେ ତାଙ୍କୁ ସେବା କରିବାର ସୌଭାଗ୍ୟ ଲାଭ ହୋଇଥିଲା । ୧୯୮୬ରୁ ୧୯୮୯ମସିହା ପର୍ଯ୍ୟନ୍ତ ଜଣେ ଓ୍ୱକିଲୁଲ୍ ତସନିଫ୍ ଭାବରେ ଦାୟିତ୍ୱ ଭାର ବହନ କରିଥିଲେ । ୧୯୮୬ରୁ ୨୦୧୦ମସିହା ପର୍ଯ୍ୟନ୍ତ ତାଙ୍କୁ ଜାମିୟା ଅହେମଦିୟା ରବଓ୍ୱାରେ ପ୍ରିନସପାଲ ଭାବରେ ସେବା କରିବାର ସୁଯୋଗ ମିଳିଥିଲା । ଇତ୍ୟାବସରରେ

ଅର୍ଥାତ୍ ୧୯୯୪ମସିହାରୁ ୨୦୦୧ମସିହା ପର୍ଯ୍ୟନ୍ତ ଓକିଲୁଲ୍ ତାଲିମ୍ ମଧ୍ୟ ରହିଥିଲେ । ଏହିପରି ରିସର୍ଚ୍ଚ ସେଲ୍ ଓ ୱାକିୟା ସଲିବ୍ ସେଲ୍ର ମଧ୍ୟ ଅଧ୍ୟକ୍ଷ ଥିଲେ । ୨୦୦୫ମସିହାରେ ଆମ୍ ନୁର୍ ଫାଉଣ୍ଡେଶନ୍ ସ୍ଥାପନ ହେଲା ସେତେବେଳେ ତାଙ୍କୁ ତାହାର ସଦର୍ ନିଯୁକ୍ତ କରାଗଲା ଏବଂ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେ ସେହି ପଦବୀରେ ଅଧିଷ୍ଠିତ ରହିଥିଲେ । ସେ ମଜଲିସ୍ ଇଫ୍‌ତା'ର ମଧ୍ୟ ସଦସ୍ୟ ଥିଲେ । ଖୁଦ୍ଦାମୁଲ୍ ଅହେମଦିୟାରେ ମଧ୍ୟ ତାଙ୍କୁ ବିଭିନ୍ନ ପଦପଦବୀ ଯେପରିକି ମୁହତମିମ୍, ଅତିରିକ୍ତ ସଦର୍ ଭାବରେ ସେବା କରିବାର ଅବସର ମିଳିଥିଲା । ବ୍ୟବହାରିକ କ୍ଷେତ୍ରରେ ସେ କୁରଆନର ଅନୁବାଦ କରିବାରେ ସାହାଯ୍ୟ କରିଥିଲେ, ସିହା ସିତ୍‌ତା ଓ ମସନଦ ଅହମଦ ବିନ୍ ହମ୍ବଲ୍ର ଉର୍ଦ୍ଦୁ ଅନୁବାଦ କରିଛନ୍ତି, ସହି ମୁସଲିମ୍ ଓ ଶୁମାଇଲେ ତିର୍‌ମିଜୀର ବ୍ୟାଖ୍ୟା, ବାଇବେଲ୍ ଉପରେ ଜ୍ଞାନଭିତ୍ତିକ ଓ ଗବେଷଣାତ୍ମକ ନିବନ୍ଧ ରଚନା କରିଛନ୍ତି ଏବଂ କଫ୍‌ନେ ମସିହ, ମରହମେ ଇସା ସଂକ୍ରାନ୍ତରେ ମଧ୍ୟ ଗଭୀର ଅନୁସନ୍ଧାନ କରିଛନ୍ତି । ତାଙ୍କ ଦ୍ୱାରା ଆଲେଖ୍ୟ ପୁସ୍ତକ ମଧ୍ୟରେ ସିରତ୍ ନବୀ[ସ.ଅ]ର ତିନୋଟି ଭାଗ ଏବଂ ପ୍ରତିଦିନ ନମାଜ ପରେ ଦରସ୍ ନିମନ୍ତେ ଏକ ପତ୍ରିକା ଅନ୍ତର୍ଭୁକ୍ତ ରହିଛି । ଜମାଅତ ଅହେମଦିୟାର ଦ୍ୱିତୀୟ ଖଲିଫା ନିଜ ସୁପୁତ୍ରୀ ସହିତ ତାଙ୍କର ନିକାଃ ପାଠ କରାଇଥିଲେ ଏବଂ ତୃତୀୟ ଖଲିଫା ତାଙ୍କ ପୁତ୍ରଙ୍କର ନିକାଃ ପାଠ କରାଇ ଥିଲେ ।

୧୯୯୦ମସିହାରେ ତାଙ୍କ ବିରୁଦ୍ଧରେ ଏକ ମକଦ୍ଦମା କରାଯାଇଥିଲା, ଯାହାକି ମଜଲିସେ ଶୁରାରେ ମତ ପ୍ରକାଶ କରିବା ପ୍ରସଙ୍ଗରେ ରହିଥିଲା । ଅଦାଲତ୍‌ରେ ନ୍ୟାୟାଧୀଶ ଆପଣଙ୍କୁ କହିଲେ; ଆପଣ ନିଜ ବକ୍ତୃତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ଓ ସାହାବା [ର.ଅ]ଙ୍କର ତିରସ୍କାର କରିଛନ୍ତି । ଏଥିରେ ମହାଶୟ କହିଲେ; ଏହା ମୋ ଉପରେ ମିଥ୍ୟାରୋପ ଲଗାଯାଇଛି । ଏହା ସମ୍ପୂର୍ଣ୍ଣ ମିଛ ଓ ଭିତ୍ତିହୀନ, ମୁଁ ହଜରତ ମୁହମ୍ମଦ[ସ.ଅ] ଓ ସାହାବା [ର.ଅ]ଙ୍କର ସହୃଦୟରୁ ସମ୍ମାନ କରେ ଏବଂ ତାଙ୍କ ଅବତାରତ୍ୱର ମୁକ୍ତ କଣ୍ଠରେ ସାକ୍ଷ୍ୟ ଦେଉଅଛି । ଆପଣ ବିଚାରପତି ସମ୍ମୁଖରେ ଅତି ଦାମ୍ଭିକତାର ସହିତ ଏହି ବୟାନ ଦେଇଥିଲେ । ଧାର୍ମିକ ଜ୍ଞାନ ମଧ୍ୟରେ ତାଙ୍କର ଇସଲାମୀୟ ଶିକ୍ଷା ବ୍ୟତୀତ ୟହୁଦିୟତ୍, ଇସାୟିୟତ୍ ଆଦିର ଗଭୀର ଅଧ୍ୟୟନ ରହିଥିଲା । ମୁଓ୍ୱାଜନା ମଜାହିବ୍ (ବିବିଧ ଧର୍ମର ତୁଳନା) କରିବାରେ ମହାଶୟଙ୍କର ବିଶେଷ ଦକ୍ଷତା ରହିଥିଲା । ସର୍ବଦା ଏହି କଥାର ଉପଦେଶ ଦେଉଥିଲେ ଯେ, ପବିତ୍ର କୁରଆନ, ସୁନ୍ନତେ ରସୁଲ[ସ.ଅ] (ଅନୁସୃତ ପନ୍ଥା), ସହି ଆହାଦିସ୍ ଓ ହଜରତ ମସିହ ମଉଦ[ଅ.ସ] ତଥା ଆପଣଙ୍କ ଖଲିଫାମାନଙ୍କର ଜ୍ଞାନ ଭିତ୍ତିକ ମହାସମୁଦ୍ରରୁ ମାର୍ଗଦର୍ଶନ ହାସଲ କର ।

ମୁବଶିର୍ ଅୟାଜ୍ ସାହେବ୍ ଉଲ୍ଲେଖ କରିଛନ୍ତି, ମିର୍ ସାହେବ ଅତ୍ୟନ୍ତ ନିରୀହ, ସରଳ ଓ ପବିତ୍ର ଜୀବନ ଅତିବାହିତ କରିଛନ୍ତି । ଅତି ସ୍ୱଚ୍ଛ, ନିର୍ମଳ କିନ୍ତୁ ବିନମ୍ର, ସ୍ୱଳ୍ପରେ ସନ୍ତୁଷ୍ଟ ହେବା ତଥା ବିଶ୍ୱାସୀ ହେବାର ଏକ ଅନୁକରଣ ଯୋଗ୍ୟ ନମୁନା ଥିଲେ । ଜ୍ଞାନ ଓ ବିଚକ୍ଷଣତାର ଏକ ଅନ୍ତଃହୀନ ସମୁଦ୍ର ଅର୍ଥାତ୍ ଗନ୍ତାଘର ଥିଲେ, ସେ ଜଣେ ମହାଜ୍ଞାନୀ ଥିଲେ । ଜଣେ ବ୍ୟାଖ୍ୟାକାର, ହଦିସ୍ ବର୍ଣ୍ଣନାକାରୀ, ଜମାଅତ ଅହେମଦିୟା ଇତିହାସରେ ଏ ହେଉଛନ୍ତି ପ୍ରଥମ ସୌଭାଗ୍ୟଶାଳୀ ବିଦ୍ୱାନ ଯେ ପବିତ୍ର କୁରଆନର ଅନୁବାଦ କରିବା ସହିତ ସମ୍ପୂର୍ଣ୍ଣ ସିହା ସିତ୍‌ତାର ଉର୍ଦ୍ଦୁ ଅନୁବାଦ କରି ଯାଇଛନ୍ତି ।

କାଦିୟାନରୁ ମୌଲବୀ ତବଓ୍ୱୀର୍ ନାସିର୍ ସାହେବ କୁହନ୍ତି; ମହାଶୟଙ୍କର ଗୋଟିଏ କଥା ମୋର ସର୍ବଦା ମନେପଡେ ତାହା ଏହିକି ଯେ, ଏକଦା ମସଜିଦ୍ ମୁବାରକ୍‌ରେ ମୁଁ ବସିଥିଲି ସେତେବେଳେ ମିର୍ ସାହେବ ମସଜିଦ୍ର ପ୍ରଥମ ଧାଡ଼ିରେ ବିଚରଣ କରୁଥିଲେ । ମୋତେ ତାଙ୍କର ଏହି ବିଚରଣ ସହିତ ଦୁଆ କରିବା ଖୁବ୍ ଭଲ ଲାଗିଲା । କିଛିକ୍ଷଣ ପରେ ମୁଁ ସାହାସ ଜୁଟାଇ ମହାଶୟଙ୍କୁ ପଚାରିଲି, ଆପଣ ଏପରି କରିବାର କାରଣ କ'ଣ ? ସେ ଉତ୍ତର ଦେଲେ, **ମୁଁ ହଜରତ ମୁସଲେହ୍ ମଉଦ [ର.ଅ]ଙ୍କୁ ଏହିସ୍ଥଳେ ଏପରି କରିଥିବାର**

**ଦେଖିଥିଲି ତେଣୁ ମୁଁ ତାଙ୍କରି ହିଁ ଅନୁକରଣ କରୁଅଛି ।** ହଜରତ ମୁସଲେହ୍ ମଉଦ ର.ଅଙ୍କ ସହିତ ତାଙ୍କର ଅଭୂତପୂର୍ଣ୍ଣ ପ୍ରେମ ଓ ଅନୁରକ୍ତି ରହିଥିଲା । ସେ ଯାହା ହେଉ ମହାଶୟ ଖିଲାଫତ୍‌ର ଜଣେ ମହାନ ସହାୟକ ଓ ସାହାଯ୍ୟକାରୀ ବ୍ୟକ୍ତି ଥିଲେ । ପ୍ରାଣ ଉତ୍ସର୍ଗକାରୀ, (ଆଦେଶ)ର ଅକ୍ଷର ଅକ୍ଷରେ ପାଳନକାରୀ, ବିଶ୍ୱସ୍ତ, ଏପରି ସାହାଯ୍ୟକାରୀ ବ୍ୟକ୍ତିତ୍ୱ ଥିଲେ ଯେ ଖୁବ୍ କମ୍ ମିଳିଥାନ୍ତି ଓ ଧାର୍ମିକ ନୀତିଶିକ୍ଷାର ଠିକ୍ ଠିକ୍ ଅନୁସରଣକାରୀ ବ୍ୟକ୍ତି ଥିଲେ । ସମ୍ପ୍ରତି ମୋତେ ତ ତାଙ୍କ ପରି ଜଣେ ହେଲେ ବ୍ୟକ୍ତି ମଧ୍ୟ ଦୃଶ୍ୟମାନ ହେଉ ନାହିଁ । ତେବେ ଅଲ୍ଲାଃଙ୍କ ଭଣ୍ଡାର ଘରେ ତ କୌଣସି ଅଭାବ ନାହିଁ । ଅଲ୍ଲାଃତାଲା କରନ୍ତୁ ଏପରି ଆଦର୍ଶବାଦୀ ଜମାଅତରେ ଆହୁରି ଉତ୍ପନ୍ନ ହୁଅନ୍ତୁ । ଆଉ ଅଲ୍ଲାଃତାଲା ଏପରି ବିଶ୍ୱସ୍ତ, ନିଷ୍ଠାବାନ ଓ ଧର୍ମପରାୟଣ ବ୍ୟକ୍ତି ଖିଲାଫତେ ଅହେମଦିୟାକୁ ପ୍ରଦାନ କରିଚାଲନ୍ତୁ ।

ଦ୍ୱିତୀୟ ଚର୍ଚ୍ଚା ଶ୍ରୀମାନ ଡ଼ାଃ ତାହେର୍ ମେହମୁଦ୍ ସାହେବ ପୁତ୍ର ଶ୍ରୀମାନ ଗୁଲାମ ରସୁଲ୍ ସାହେବ କରାଚୀ ନିବାସୀଙ୍କର ରହିଛି । ବିଗତ ଦିନରେ ସେ ବନ୍ଦୀ ଥିବା ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କଲେ । ଇନ୍ନା ଲିଲ୍ଲାହି ଓ ଇନ୍ନା ଇଲୈହି ରାଜେଉନ୍ । ମୃତକ ସଦର୍ ହଲ୍‌କା (ସାହି) ମଲେର୍ କଲୋନୀ କରାଚୀ ଥିଲେ । ତାଙ୍କ ସହିତ ଆଉ ଦୁଇଜଣଙ୍କୁ ସାହି ମସଜିଦ୍‌ର ନିର୍ମାଣ ଓ ଜୁମା ନମାଜ ପାଠ କରିବା ଅଭିଯୋଗରେ ଗିରଫ୍ କରାଯାଇଥିଲା । ପୁଣି ଅଦାଲତ୍‌ରେ ସମସ୍ତଙ୍କ ଉପସ୍ଥିତିରେ ବିରୋଧୀମାନେ ସାମୂହିକ ଭାବରେ ସେମାନଙ୍କ ଉପରେ ଆକ୍ରମଣ କଲେ, ନିର୍ଯ୍ୟାତନା ଦେଲେ । ଏପରିକି ହାଜତରେ ମଧ୍ୟ ତାଙ୍କ ସହିତ କଠୋରତା ପ୍ରଦର୍ଶନ କରାଯାଇଥିଲା ଏବଂ ହଜରତ ମସିହ ମଉଦଅ.ସ ଓ ଖଲିଫାମାନଙ୍କ ପାଇଁ ଅପଶବ୍ଦ ପ୍ରୟୋଗ କରିବା ପାଇଁ ବାଧ୍ୟ କରାଯାଇଥିଲା । କାରାଗାରରେ ଦୁଇ ମାସ ରହିଲେ, ମୃତ୍ୟୁବରଣ କରିବାର କିଛିଦିନ ପୂର୍ବରୁ ଇନ୍‌ଫେକଶନ୍ ଯୋଗୁଁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଗଲା ଓ ଶେଷରେ ଚିକିତ୍ସାଳୟରେ ଦେହତ୍ୟାଗ କଲେ । ଚିକିତ୍ସାଧୀନ ଅବସ୍ଥାରେ ମଧ୍ୟ ତାଙ୍କ ହସ୍ତରେ ହାତକଡି ପଡିଥିଲା । ବନ୍ଦୀ ହେବାର କଷଣ ସହ୍ୟ କଲେ, ଏହି ଦୃଷ୍ଟିରୁ ତାଙ୍କୁ ଶହିଦ୍ ହେବାର ଗୌରବ ଅର୍ଜନ ହୋଇଛି । ସେ ଓ୍ୱସିୟତ୍ ବିଭାଗରେ ଅନ୍ତର୍ଭୁକ୍ତ ଥିଲେ । ଜଣେ ସଦର୍, ସେକ୍ରେଟାରୀ ଦାଓ୍ୱତ୍ ଇଲ୍ଲଲାଃ ଭାବରେ ସେବା କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ନିଜ ପଛରେ ପତ୍ନୀଙ୍କ ବ୍ୟତୀତ ଜଣେ କନ୍ୟା ଓ ତିନି ଜଣ ପୁତ୍ର ସନ୍ତାନ ଛାଡ଼ି ଯାଇଛନ୍ତି । ଜଣେ ପୁତ୍ର ଜମାଅତରେ ମୁବଲ୍ଲିଗ୍ ଭାବରେ ସେବା କରୁଛନ୍ତି । ନମାଜ ଜୁମା ପରେ ମୁଁ ଏମାନଙ୍କ ନମାଜ ଜନାଯାଃ ଗାଏବ ପାଠ କରାଇବି । ଇନ୍‌ଶାଅଲ୍ଲାଃ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହେଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହେଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

16th May 2025

*Translated to Odia by :* Moulavi Anwar Ahmad Khan